## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ସିପିଏମ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ-ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ-ସନ୍ଧ୍ୟା ୬ଟା।

**କ. ନୂଆଗାଁ**
- ବିଜେଡିର ପଦଯାତ୍ରା। ସ୍ଥାନ-ସାରଙ୍ଗଡ଼, ସମୟ- ପୂର୍ବାହ୍ନ ୧୦ ଟା।

**ପୋଲସରା**
- ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ। ସ୍ଥାନ-ମନଶିଳା, ସମୟ- ପୂର୍ବାହ୍ନ ସାଢ଼େ ୧୦ଟା
- ବିଜେଡି ସମ୍ପର୍କ ପଦଯାତ୍ରା। ସ୍ଥାନ-ବର୍ତ୍ତିନି,ସମୟ- ପୂର୍ବାହ୍ନ ସାଢ଼େ ୧୧ଟା।

## ରେଳଧାରଣାରୁ ମହିଳାଙ୍କ ମୃତଦେହ ଜବତ

**ବ୍ରହ୍ମପୁର ଅଫିସ,୩୧।୧୦:** ସରକାରୀ ରେଳବାଇ ପୋଲିସ (ଜିଆର୍‌ପି) ସୋମବାର ଗୋଷାଣୀ ନୂଆଗାଁ ଶିଶୁମନ୍ଦିର ନିକଟ ଦେଇ ଯାଇଥିବା ରେଳଧାରଣାରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୫ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ନଂ.୯୨/୨୨ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତକଙ୍କ ପରିଚୟ ସ୍ପଷ୍ଟ ପାଇଁ ଏମ୍‌କେସିଜିର ମୃତଦେହ ସଂରକ୍ଷଣ କକ୍ଷରେ ରଖାଯାଇଛି। ମହିଳା ଜଣଙ୍କ କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଏଭଳି ଭାବେ ଟ୍ରେନ ଆଗକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଛି। ଅପରାହ୍ନରେ ବ୍ରହ୍ମପୁରରୁ ଭୁବନେଶ୍ୱର ପଟକୁ ଯାଉଥିବା ଏକ ଗୁଡ୍‌ସ୍‌ଟ୍ରେନ ଆଗକୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା କରିଥିବା ନେଇ ଉକ୍ତ ଟ୍ରେନ୍ ଚାଳକ ବ୍ରହ୍ମପୁର ରେଳଷ୍ଟେଶନ ମାଷ୍ଟରଙ୍କୁ ଖବର କରିଥିଲେ। ପରେ ଷ୍ଟେଶନ ମାଷ୍ଟର ଏନେଇ ଜିଆରପି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

## ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜୟନ୍ତୀ ପାଳିତ

**ବ୍ରହ୍ମପୁର ଅଫିସ,୩୧।୧୦:** ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ସୋମବାର ଏନ୍‌ଜିଓ ହଲ୍ ପରିସରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୪୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଂଘ ସଭାପତି ରାମ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସୁବାସ ସାହୁ, ମୁଖ୍ୟ ବକ୍ତା ପ୍ରହ୍ଲାଦ ପାଣିଗ୍ରାହୀ, ସମ୍ମାନିତ ଅତିଥି କର୍ପୋରେଟର ନୀଳକଣ୍ଠ ସାହୁ, ସମାଜିକକର୍ମୀ ଗଙ୍ଗାଧର ଶତପଥୀ ଓ ଅଶୋକ ନିମେଇ ଯୋଗ ଦେଇଥିଲେ। ଅତିଥିମାନେ ସର୍ଦ୍ଦାର ବଲ୍ଲଭ ଭାଇଙ୍କ ସ୍ମୃତି ଚାରଣ କରିବା ସହ ରାଜନୀତି ଶିଖିବାର ଅଛି ତ ପଟେଲଙ୍କ ଜୀବନୀ ପଢ଼ିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ନେତା କେ.ରବି ରାଓଙ୍କ ସମେତ ରାଜକିଶୋର ପାତ୍ର, ହିମାଂଶୁ ପାଢ଼ୀ, ଗୌରୀ ମହାନ୍ତି, ଭଗବାନ ଭୂୟାଁ, ଉଦୟନାଥ ବେହେରା ଓ ପ୍ରଫୁଲ୍ଲ ସାହୁ ଉପସ୍ଥିତ ଥିଲେ।

## ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ରନ୍ ଫର୍ ୟୁନିଟ୍

**ବ୍ରହ୍ମପୁର ଅଫିସ,୩୧।୧୦:** ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପୁଣ୍ୟ ଜୟନ୍ତୀ ଅବସରରେ ନେହେରୁ ଯୁବକେନ୍ଦ୍ର ତରଫରୁ ସୋମବାର ରନ୍ ଫର୍ ୟୁନିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ୨୭ ନମ୍ବର ୱାର୍ଡ କର୍ପୋରେଟର ନୀଳକଣ୍ଠ ସାହୁ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ବୀରତ୍ୱର ଗାଥା ଏବଂ ଦେଶ ଗଠନରେ ତାଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଜାତୀୟ ଏକତା ଦିବସ ଉପଲକ୍ଷେ ଦେଶବାସୀଙ୍କ ମଧ୍ୟରେ ଏକତା ଓ ଅଖଣ୍ଡତା ବଜାୟ ରଖିବା ପାଇଁ ସମସ୍ତେ ଶପଥ ପାଠ କରିଥିଲେ। ଯୁବ ସ୍ୱେଚ୍ଛାସେବୀ ବିନୋଦ କୁମାର ସାବତଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଣବ ପ୍ରକାଶ ପଣ୍ଡା, ସୁମନ କୁମାର ମହାରଣା, ଅମନ ପାତ୍ର, ମହେଶ ସାହୁ, ଅସିତ କୁମାର ଶତପଥୀ ଓ ଦିନେଶ ରାଜଙ୍କ ସମେତ ଯୁବକେନ୍ଦ୍ରର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ସପ୍ତାହ ପାଳନ ଏମ୍‌କେସିଜିରେ ଶପଥ ପାଠ

**ବ୍ରହ୍ମପୁର ଅଫିସ,୩୧।୧୦:** ସୋମବାର ଠାରୁ ନଭେମ୍ବର ୬ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଆରମ୍ଭ ହୋଇଯାଇଛି। ଅନ୍‌ଲାଇନ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ଶପଥ ଗ୍ରହଣ କରିଥିଲେ।

# ବିଏମ୍‌ସିରେ ୧୮ ପଞ୍ଚାୟତ ନ ମିଶିବା ଯାଏ ଆନ୍ଦୋଳନ

### ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ସ୍ୱତନ୍ତ୍ର ବୈଠକ

ବ୍ରହ୍ମପୁର ଅଫିସ,୩୧।୧୦

ସହରତଳି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ସ୍ୱତନ୍ତ୍ର ବୈଠକ ସୋମବାର ବ୍ରଜନଗରଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର ଗତ ୨୮ ତାରିଖରେ ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଯାଇ ଲୋଚାପଡା ପଞ୍ଚାୟତ ସମେତ ବଡ କୁଶସ୍ଥଳୀ ପଞ୍ଚୟତର ସାନ କୁଶସ୍ଥଳୀ ଗ୍ରାମ, ଗଉଞ୍ଜୁ ପଞ୍ଚାୟତର ବ୍ରାହ୍ମଣପଲୀ ଗାଁ ଓ ଗୋଳାବନ୍ଧ ପଞ୍ଚାୟତର ଗୋଳାବନ୍ଧ ଆର୍ମି କଲେଜକୁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ସାମିଲ କରିବା ନେଇ ଅଧିସୂଚନା ଜାରି କରିଛନ୍ତି। ଏଥିସହ ୩୦ ଦିନ ମଧ୍ୟରେ ଏ ନେଇ ଜନସାଧାରଣଙ୍କଠାରୁ ଯେଉଁ ଆପତ୍ତି ଓ ପରାମର୍ଶ ଆହ୍ୱାନ



ବୈଠକରେ ଉପସ୍ଥିତ କମିଟି ସଦସ୍ୟ ବୃନ୍ଦ।

କରିଛନ୍ତି ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ବିଳମ୍ବରେ ପଦକ୍ଷେପ ଗ୍ରହଣ କରିବା ସ୍ୱାଗତଯୋଗ୍ୟ। ରାଜ୍ୟ ସରକାର ପରବର୍ତ୍ତୀ ସମୟରେ କେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ସେ ନେଇ କମିଟି ପକ୍ଷରୁ ଦୃଷ୍ଟି ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା। କିନ୍ତୁ ପୂର୍ବରୁ ଦାବି କରାଯାଉଥିବା ୧୮ ପଞ୍ଚାୟତ ବିଏମ୍‌ସିରେ ସାମିଲ ନ ହେବା ଯାଏ ଆନ୍ଦୋଳନ ଓ ପ୍ରଚେଷ୍ଟା ଜାରି ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଲୋଚାପଡା ଗ୍ରାମ, ନିମଖଣ୍ଡି, ଜଗଦଳପୁର ଓ ହଳଦିଆପଦର ପଞ୍ଚାୟତ ଅନ୍ତର୍ଗତ ଶକ୍ତି ନଗର, ଓମ୍ ବିହାର, ନିଗମାନନ୍ଦ ନଗର କମିଟି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହର ତଳି ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ପରିଚ୍ଛା, ଯୁଗ୍ମ ସମ୍ପାଦକ ଟି.ସୁଦେଶ କୁମାର ପାତ୍ରଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।


ଗଙ୍ଗାଧରେଶ୍ୱରଙ୍କ ପୀଠରେ ଭକ୍ତଙ୍କ ଭିଡ଼ ।


ମନ୍ଦିରରେ ଭକ୍ତମାନେ ପାଦୁକା ଗ୍ରହଣ କରୁଛନ୍ତି। (ଫଟୋ: ସମୀର କୁମାର ରଥ)

# ୨୪ ଘଣ୍ଟା ଖୋଲାରହିବ ଏମ୍‌କେସିଜି ମେଡିକାଲ ଆରଡିସି

ବ୍ରହ୍ମପୁର ଅଫିସ,୩୧।୧୦

ଦକ୍ଷିଣ ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି ) ମେଡିକାଲ କଲେଜ ଓ ହସ୍ପିଟାଲର ଆରଡିସି (ରେଜିଓନାଲ ଡାଇଗୋନେଷ୍ଟିକ୍ ସେଣ୍ଟର) ଏଣିକି ୨୪ ଘଣ୍ଟା ଖୋଲାରହିବ। ସୋମବାର ମେଡିକାଲ କଲେଜ ଅଧକ୍ଷ ତଥା ଡିନ ପ୍ରଫେସର ଡା. ଅବନୀକାନ୍ତ ମିଶ୍ର ଓ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ଏହି ୨୪ ଘଣ୍ଟିଆ ଆରଡିସିକୁ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ରେଜିଷ୍ଟ୍ରାର ରାଜେନ୍ଦ୍ର କୁମାର ମିଞ୍ଜ, ଅତିରିକ୍ତ ଅଧୀକ୍ଷକ ଡା. କିରଣ କୁମାର ପଟ୍ଟନାୟକ, ବାୟୋକେମିଷ୍ଟ୍ରି ମୁଖ୍ୟ ପ୍ରଫେସର ଡା. ନିରୁପମା ଦେବୀ, ଡା. ଦେବୀପ୍ରସାଦ ପ୍ରଧାନ, ପାଥୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଡା. ସ୍ୱୟଂପ୍ରଭା ପ୍ରଧାନ, ଆରଡିସିର ଦୁଇ ଇନ୍‌ଚାର୍ଜ ପ୍ରଦୀପ କୁମାର ଶତପଥୀ ଓ ତପନ କୁମାର ବେହେରା ଉପସ୍ଥିତ ଥିଲେ। ଏହି ୨୪ ଘଣ୍ଟିଆ କେନ୍ଦ୍ର ଖୋଲିବା ଦ୍ୱାରା ରାତିରେ ରୋଗୀଙ୍କ ରକ୍ତ, ମଳ, ମୂତ୍ର ସହ ଅନ୍ୟାନ୍ୟ ପରୀକ୍ଷା ହୋଇପାରିବ ବୋଲି ଅଧୀକ୍ଷକ ମିଶ୍ର ସୂଚନା ଦେଇଛନ୍ତି। ପୂର୍ବରୁ ସକାଳୁ ସନ୍ଧ୍ୟା ଯାଏ ଏଠାରେ ରକ୍ତ ଓ ମଳ, ମୂତ୍ର ପରୀକ୍ଷା ହେଉଥିଲା। ହେଲେ ମଙ୍ଗଳବାରଠାରୁ ରାତିରେ ମଧ ସମସ୍ତ ପ୍ରକାର ପରୀକ୍ଷା ହେବ। ୨୪ ଘଣ୍ଟା ଖୋଲା ରଖିବାକୁ ଆରଡିସିରେ ନୂତନ କର୍ମଚାରୀ ନିଯୁକ୍ତ କରାଯାଇଥିବା ଏମ୍‌କେସିଜି ପକ୍ଷରୁ ସୂଚନା ଦିଆଯାଇଛି।

## ମହିଳାଙ୍କ ହାତଗୋଡ଼ ବାନ୍ଧି ନିର୍ଯାତନା, ଥାନାରେ ମାମଲା

ବ୍ରହ୍ମପୁର ଅଫିସ,୩୧।୧୦

ଜଣେ ମହିଳାଙ୍କ ହାତଗୋଡ଼ ବାନ୍ଧି ତାଙ୍କ ସ୍ୱାମୀ ଓ ଶାଶୁ ନିର୍ଯାତନା ଦେଉଥିବା ନେଇ ମହିଳା ଥାନାରେ ଅଭିଯୋଗ ହୋଇଛି। ଟାଉନ ଥାନା ଅନ୍ତର୍ଗତ ଗାନ୍ଧୀନଗର ମୁଖ୍ୟ ରାସ୍ତାରେ ରହୁଥିବା କିରଣ କୁମାର ପାତ୍ରଙ୍କ ସ୍ତ୍ରୀ ସସ୍ମିତା ପାତ୍ର ଏନେଇ ଅଭିଯୋଗ କରିଛନ୍ତି। ପୋଲିସ ଏ ନଂ.୨୦୧/୨୨ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରୁଥିବା କହିଛି। ପ୍ରକାଶ ଯେ, କିରଣ କୁମାର ପାତ୍ର ୨୦୦୨ଫେବୃୟାରୀ ୨୮ରେ ସସ୍ମିତାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରଘର ଦାବି ମୁତାବକ ନଗଦ ୩ଲକ୍ଷ ଟଙ୍କା, ସୁନା ଗହଣା ଓ ଘରକରଣା ସାମଗ୍ରୀ ଯୌତୁକ ବାବଦକୁ ଦିଆଯାଇଥିଲା। ବର୍ତ୍ତମାନ ତାଙ୍କର ଦୁଇଟି କନ୍ୟା ସନ୍ତାନ ରହିଛନ୍ତି। ବାହାଘର ୧୦ ବର୍ଷ ପରେ ଦୁଇଟି ଝିଅ ଜନ୍ମକୁ କେନ୍ଦ୍ରକରି କିରଣ ଓ ତାଙ୍କ ଶାଶୁ ବିଭିନ୍ନ ସମୟରେ ସସ୍ମିତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଦୁଇଦିନ ତଳେ କିରଣ ନିଶାପାନ କରି ଘରକୁ ଆସିଥିଲେ। କିରଣ ତାଙ୍କ ସ୍ତ୍ରୀ ସସ୍ମିତାଙ୍କ ହାତଗୋଡ଼ ବାନ୍ଧି ତାଙ୍କୁ ମାରପିଟ କରିଥିଲେ। ଏପରିକି ଜୀବନରେ ମାରିଦେବାକୁ ଧମକଚମକ ମଧ୍ୟ ଦେଇଥିଲେ। ପରେ ମହିଳା ଜଣଙ୍କ ନିଜର ଓ ଦୁଇ ଝିଅଙ୍କ ସୁରକ୍ଷା ପାଇଁ ମହିଳା ଥାନାରେ ଏନେଇ ଅଭିଯୋଗ କରିଥିଲେ ବୋଲି ପୋଲିସ କହିଛି।

# ବିଜେଡି ପଦଯାତ୍ରାରେ ଭାଜପାର କଳାପତାକା ପ୍ରଦର୍ଶନ

ବ୍ରହ୍ମପୁର ଅଫିସ,୩୧।୧୦

ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଗତ ୨ ତାରିଖଠାରୁ ବ୍ରହ୍ମପୁର ସହରର ବିଭିନ୍ନ ୱାର୍ଡରେ ପଦଯାତ୍ରା ଆରମ୍ଭ ହୋଇଛି। ସୋମବାର ୨୬, ୨୭ ଓ ୩୦ ନଂ. ୱାର୍ଡରେ ଏହି କାର୍ଯ୍ୟକ୍ରମ ରହିଥିଲା। ବିଜେଡି ପକ୍ଷରୁ ୩୦ ନଂ.ୱାର୍ଡରେ ପଦଯାତ୍ରା ଚାଲିଥିବା ସମୟରେ କେ.ସି.ହାଇସ୍କୁଲ ସମ୍ମୁଖରେ ଗୋଷାଣୀନୂଆଗାଁ ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତାମାନେ ବିଭିନ୍ନ ଦାବି ଲେଖାଥିବା ପ୍ଲା କାର୍ଡ ଧରି କଳା ପତାକା ଦେଖାଇ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିଥିଲେ। ଦାବି ଗୁଡିକ ମଧ୍ୟରେ ବେଢ଼ା ବନ୍ଧ, ଶାଳିଆ ବନ୍ଧ, ନୂଆ ବନ୍ଧ, ଆଗୁଳ ବନ୍ଧ ଓ ଦେଉଳ ବନ୍ଧର ପୁନଃରୁଦ୍ଧାର ସହ ଅଞ୍ଚଳର ମୁଖ୍ୟ ରାସ୍ତା ମରାମତି ଆଦି



ଭାଜପାର ଶାନ୍ତିପୂର୍ଣ୍ଣ ପ୍ରତିବାଦ।

ରହିଥିଲା। ଏଥିସହ ବିଧବାଙ୍କୁ ଭତ୍ତା, ଗରିବଙ୍କୁ ରାଶନ କାର୍ଡ କେଉଁ କାରଣରୁ ମିଳୁ ନାହିଁ ବୋଲି ଭାଜପା ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଗୋଷାଣୀନୂଆଗାଁ ଯୁବ ମୋର୍ଚ୍ଚା ସଭାପତି କିଷାନ ପଣ୍ଡା, ଉପସଭାପତି ଆଶୁତୋଷ ପାତ୍ର, ସାଧାରଣ ସମ୍ପାଦକ ଅନିଲ ସାହୁଙ୍କ ସମେତ ଦିନେଶ ଦାଶ, ରାମ ପାତ୍ର, କିରଣ ସାହୁ, କେ.ରବି ରାଓ, ଅର୍ଜୁନ ପଣ୍ଡା, ଶିବ ପାଣିଗ୍ରାହୀ ଓ ସୁନୀଲ ପାଣିଗ୍ରାହୀଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ବର୍ଷେ ପରେ ବି ପତ୍ତା ପାଉନି ପୋଲିସ

### ଏମ୍‌କେସିଜି କୋଭିଡ୍ ହସ୍ପିଟାଲରୁ କଏଦୀ ଚମ୍ପଟ ଘଟଣା

ବ୍ରହ୍ମପୁର ଅଫିସ,୩୧।୧୦

ଏମ୍‌କେସିଜି ମେଡିକାଲ କଲେଜ କୋଭିଡ୍ ସେଣ୍ଟରରେ ଚିକିତ୍ସାଧୀନ ଥିବା ଜଣେ କଏଦୀ କାର୍ତ୍ତିକ ସିଂ ୨୦୨୧ ଅଗଷ୍ଟ ୭ ଭୋରରୁ ଚମ୍ପଟ ମାରିଥିଲେ। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିଥିଲା। ହେଲେ ଉକ୍ତ ଘଟଣାର ବର୍ଷକ ପରେ ବି ମେଡିକାଲରୁ ଚମ୍ପଟ ମାରିଥିବା କଏଦୀଙ୍କ ଟେର୍ ପାଇ ପାରୁନାହିଁ। ବାସ୍ତବରେ ପୋଲିସ ଏ ଦିଗରେ ଅଧିକ କ୍ରିୟାଶୀଳ ହେଉନାହିଁ ନା ଫେରାର କଏଦୀଙ୍କୁ ଧରିବା ପାଇଁ କୌଣସି ଚାପରେ ରହୁଛି ସେ ନେଇ ସ୍ପଷ୍ଟ ହୋଇପାରୁନାହିଁ। ପୋଲିସର ଏଭଳି କାର୍ଯ୍ୟଶୈଳୀ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶଯେ, ବାଲିଗୁଡା ଉପକାରାଗାରର କାର୍ତ୍ତିକ ସିଂ(୩୭) କଏଦୀ ଭାବେ ଥିଲେ। ତାଙ୍କଠାରେ କୋଭିଡ୍ ପଜିଟିଭ ଚିହ୍ନଟ ହେବା ପରେ ୨୦୨୧ ଅଗଷ୍ଟ ୧ରେ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ସହ ଉକ୍ତ ଉପକାରାଗାରର ଏକାଧିକ ପୋଲିସ କର୍ମଚାରୀ ମଧ୍ୟ ଏମ୍‌କେସିଜିକୁ ଆସିଥିଲେ। ସେଠାରେ କାର୍ତ୍ତିକ ଚିକିତ୍ସିତ ହେଉଥିବା ବେଳେ ତାଙ୍କୁ ଦିନ ରାତି ପୋଲିସ ଜଗି ରହୁଥିଲା। ହେଲେ ୭ ତାରିଖ ଭୋରରୁ ସେ କେଉଁଆଡେ ଫେରାର ହୋଇଯାଇଥିଲେ। ସେଠାରେ ତାଙ୍କୁ ଜଗି ରହିଥିବା ଏସ୍‌କର୍ଟ ଟିମ୍ ନ ପାଇ ମେଡିକାଲ ପରିସରରେ ଖୋଜାଖୋଜି କରି ଶେଷରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରିଥିଲା।



@ ଲିପ୍ସା


@ ରେଶ୍ମା


@ ବରୋଦା

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜାତୀୟସ୍ତରୀୟ ଭାରୋତ୍ତୋଳନ ର୍‍ୟାଙ୍କିଙ୍ଗ ପ୍ରତିଯୋଗିତା

- କନିଷ୍ଠ ମହିଳା ବର୍ଗରେ ମୋନାଲିଙ୍କୁ ରୌପ୍ୟ
- ବରିଷ୍ଠ ମହିଳା ବର୍ଗରେ କୀର୍ତ୍ତିଙ୍କୁ କାଂସ୍ୟ

ବ୍ରହ୍ମପୁର ଅଫିସ,୩୧।୧୦

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଅକ୍ଟୋବର ୨୭ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଉତ୍ତରପ୍ରଦେଶଠାରେ ଜାତୀୟସ୍ତରୀୟ ଖେଲୋ ଇଣ୍ଡିଆ ଯୁବ(କନିଷ୍ଠ ଓ ବରିଷ୍ଠ) ସର୍ବଭାରତୀୟ ମହିଳା ଭାରୋତ୍ତୋଳନ ର୍‍ୟାଙ୍କିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସୋମବାର ପ୍ରତିଯୋଗିତାରେ ମହିଳା କନିଷ୍ଠ ବିଭାଗରେ ୭୬ କେଜି ବର୍ଗରେ ବ୍ରହ୍ମପୁରର ମୋନାଲି ସାହୁ ସର୍ବଭାରତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ମୋନାଲି ନିଜ ବର୍ଗରେ ସ୍ନାଚରେ -୭୩କେଜିଓ କ୍ଲିନ ଆଣ୍ଡ ଜର୍କରେ ୯୬ କେଜି ସହ ମୋଟ ୧୬୯ କେଜି ଭାରୋତ୍ତୋଳନ କରିଥିଲେ। ସେହିପରି ବରିଷ୍ଠ ବିଭାଗରରେ ଏମ୍.କୀର୍ତ୍ତି ୬୭ କେଜି ବର୍ଗରେ ସ୍ନାଚ ୭୪ ଓ କ୍ଲିନ୍ ଆଣ୍ଡ ଜର୍କ ୯୫ କେଜି ସହ ମୋଟ ୧୬୯କେଜି ଭାରୋତ୍ତୋଳନ କରିଥିଲେ। କୀର୍ତ୍ତି ନିଜ ବର୍ଗରେ ସର୍ବଭାରତୀୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରି କାଂସ୍ୟ ପଦକ ବିଜୟୀ ହୋଇଥିଲେ।


ମୋନାଲି ଓ ଏମ୍.କୀର୍ତ୍ତି।

# ପୁଞ୍ଜିପତିଙ୍କ ନିୟନ୍ତ୍ରଣରେ ଏନ୍‌ଡିଏ ସରକାର

### ଏଆଇଟିୟୁସି ଜିଲା ସମ୍ମିଳନୀରେ ଅଭିଯୋଗ

ବ୍ରହ୍ମପୁର ଅଫିସ,୩୧।୧୦

ସିପିଆଇ ସଂଲଗ୍ନ ଶ୍ରମିକ ସଂଗଠନ ଏଆଇଟିୟୁସିର ୧୦ମ ଗଞ୍ଜାମ ଜିଲା ସମ୍ମିଳନୀ ବ୍ରହ୍ମପୁରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସଂଗଠନର ରାଜ୍ୟ ସମ୍ପାଦକ ମହେଶ ରାଉତ ଉଦ୍‌ଘାଟନ କରି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଏନ୍‌ଡିଏ ସରକାରଙ୍କ ଶ୍ରମିକ ମାରଣ ଓ ଶୋଷଣ ନୀତିର ସେ କଡ଼ା ସମାଲୋଚନା କରିଥିଲେ। ଉଦ୍‌ଘାଟନୀ ଭାଷଣ ପ୍ରସଙ୍ଗରେ ରାଉତ ଆହୁରି ମଧ୍ୟ କହିଥିଲେ ମୋଦି ଶାସନକୁ ଦେଶର ବଡ଼ ବଡ଼ ଶିଳ୍ପପତି ଓ ପୁଞ୍ଜିପତି ନିୟନ୍ତ୍ରଣ କରୁଥିବା ସଙ୍ଗିନ ଅଭିଯୋଗ କରିଥିଲେ। କେବଳ ସେତିକି ନୁହେଁ, ଏନ୍‌ଡିଏ ଶାସନରେ ସର୍ବାଧିକ ଦୁର୍ନୀତି ଚାଲିଥିବା ଦର୍ଶାଇଥିଲେ।

ଦଣ୍ଡପାଣି ସାମଲ, ସନ୍ତୋଷିନୀ ପାତ୍ର ଓ ଅନ୍ୟମାନଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ଦ୍ୱାରା ପରିଚାଳିତ ସମ୍ମିଳନୀରେ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ରାଜ୍ୟ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତିର କଟାକ୍ଷ କରିଥିଲେ। ସିପିଆଇ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଗଞ୍ଜାମରେ ଶ୍ରମିକଙ୍କ ହକ୍ ପାଇଁ ଏଆଇଟିୟୁସି ସଦସ୍ୟା ଓ ସଦସ୍ୟମାନେ ଆନ୍ଦୋଳନ ଚଳାଇବାକୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ସଂଗଠନ ଜିଲା ସମ୍ପାଦକ ଅଳକ ମିଶ୍ର ଗତ ସମ୍ମିଳନୀଠାରୁ ଏଯାବତ୍ ନିଆଯାଇଥିବା ସାଙ୍ଗଠନିକ ଓ ରାଜନୈତିକ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ।

ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ପାଢ଼ୋଷୀ ଲାଲ ପତାକା ଉତ୍ତୋଳନ କରିଥିବା ବେଳେ ଯୁବ ସଂଘ ରାଜ୍ୟ ସଭାପତି ପ୍ରଦୀପ ସେଠୀ, କେ. ଏଲେୟା, ଦୁର୍ଗା ଚରଣ ପାତ୍ର, ବିଦେଶୀ ନାୟକ, ଗଣପତି ସାହୁ, ଗୋପାଳ ଭୂୟାଁ ପ୍ରମୁଖ ବିଭିନ୍ନ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ ଏଆଇଟିୟୁସିର ୭୧ ଜଣିଆ ଜିଲା କମିଟି ଗଠନ ହୋଇଥିଲା। ପ୍ରଶାନ୍ତ ପାଢ଼ୋଷୀ ଓ ଅଳକ ମିଶ୍ର ଯଥାକ୍ରମେ ସଭାପତି ଓ ସମ୍ପାଦକ ହୋଇଥିବା ଘୋଷଣା କରାଯାଇଥିଲା। ପ୍ରଦୀପ ସେଠୀ, ଦଣ୍ଡପାଣି ସାମଲ ଓ ମହମ୍ମଦ ଉସ୍‌ମାନ ଉପସଭାପତି, ରାଜେନ୍ଦ୍ର ଦାସ, କିଶୋର ଶତପଥୀ, ଦୁର୍ଗା ଚରଣ ପାତ୍ର ଓ କୁନି ମହାପାତ୍ରଙ୍କୁ ସହ ସମ୍ପାଦକ କରାଯାଇଥିବା ସୂଚନା ଦିଆଯାଇଛି।



ସମ୍ମିଳନୀରେ ମଞ୍ଚାସୀନ ଏଆଇଟିୟୁସି ନେତୃବୃନ୍ଦ ।

